# Akashvani, Sambalpur

## SAMBALPURI NEWS BULLETIN

### 22 July 2025- 6.47- 6.52 am.

*********************************************

ଜଗ୍‌ଦୀପ୍ ଧନ୍‌ଖଡ୍ - ଇସ୍ତଫା                ପି.ଆଇ.ବି.

ଉପରାଷ୍ଟ୍ରପତି ପଦନୁ ଗଲାକାଏଲ୍ ଜଗ୍‌ଦୀପ୍ ଧନ୍‌ଖଡ୍ ଇସ୍ତଫା ଦେଇଛନ୍ । ସ୍ୱାସ୍ଥ୍ୟ ସମସ୍ୟାର୍ ଲାଗି ପଦ ଛାଡ଼ିଥିବାର୍ ବିଷେଥି ରାଷ୍ଟ୍ରପତିଙ୍କୁ ଦେଇଥିବା ଇସ୍ତଫା ପତ୍ରଥି ଶ୍ରୀ ଧନ୍‌ଖଡ୍ ଦର୍ଶେଇଛନ୍ । ସମ୍ବିଧାନ୍‌ର ଧାରା ୬୭ -ଏ ଅନ୍‌ସାରେ ସେ ଇସ୍ତଫା ଦେବାର୍ ସହେତେ କାର୍ଯ୍ୟକାଳ ସମିଆଥି  ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ସହଯୋଗ୍ ଲାଗି ଧନ୍ୟବାଦ ଜନେଇଛନ୍ । ତାଙ୍କର୍ ଇସ୍ତଫା ପତ୍ରକେ ରାଷ୍ଟ୍ରପତି ଗ୍ରହଣ୍ କରିଛନ୍ । ତାଙ୍କର୍ ଇସ୍ତଫା ଉତ୍‌ରୁ ଆଏବା ୬୦ ଦିନ୍ ଭିତ୍‌ରେ ଉପରାଷ୍ଟ୍ରପତି ପଦ୍ ଲାଗି ନିର୍ବାଚନ୍ ହେବା । ଇ ସମିଆଥି ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ୍ ସିଂ ଉପରାଷ୍ଟ୍ରପତିଙ୍କର ଅତିରିକ୍ତ ଦାୟିତ୍ୱ ତୁଲାବେ ।

ରାଜ୍ୟପାଲ୍- ମୁଖ୍ୟମନ୍ତ୍ରୀ ସାକ୍ଷାତ୍              ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଭେଟିଛନ୍ । ମୁଖ୍ୟମନ୍ତ୍ରୀ ରାଜ୍ଭବନ୍କେ ଯାଇକରି ଭିନ୍ ଭିନ୍ ବିଷେଥି ରାଜ୍ୟପାଲ୍ଙ୍କର୍ ସାଙ୍ଗେ ଆଲୋଚନା କରିଛନ୍ । ରାଜ୍ୟପାଲ୍ଙ୍କର୍ ସାଙ୍ଗେ ମୁଖ୍ୟମନ୍ତ୍ରୀଙ୍କର୍ ଇଟା ଗୁଟେ ସୌଜନ୍ୟମୂଲକ୍ ସାକ୍ଷାତ୍କାର୍ ଥିଲା ବଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଲୟ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଜାତୀୟ ମାନବାଧିକାର କମିଶନ୍ ଶୁଣାଣି I&PR

୨ ଦିନିଆ ଓଡ଼ିଶା ଗସ୍ତଥି ଆସିଥିବା  ଜାତୀୟ ମାନବାଧିକାର୍ ଆୟୋଗ୍ ଗଲାକାଏଲ୍ ଭୁବ୍ନେଶ୍ୱର୍ ରାଜ୍ୟ ଅତିଥି ଭବନ୍ ଠାନେ ମାନବାଧିକାର୍ ଉଲ୍ଲଂଘନ୍ ମାମ୍ଲା ମାନ୍କର୍ ଶୁଣାଣି କରିଛନ୍ । ଆୟୋଗ୍ ଅଧ୍ୟକ୍ଷ ଜଷ୍ଟିସ୍ ଭି. ରାମ୍ ସୁବ୍ରମଣ୍ୟମ୍ ଆଉ ଅଲ୍ଗା ସଦସ୍ୟମାନେ ୨ ଟା ଖଣ୍ଡପୀଠ ଜରିଏ ଶହେ ୨୧ ଟା ମାମ୍ଲାର୍ ଶୁଣାଣି କରିଛନ୍ । ଇଟାର୍ସହେତେ ଓଡ଼ିଶା ବାବଦ୍ ଭିନ୍ ଭିନ୍ ବିଷେଥି ରାଜ୍ୟର୍ ବରିଷ୍ଠ ଅଧିକାରୀମାନ୍କର୍ ସାଙ୍ଗେ ଆଲୋଚନା କରିଛନ୍ । ରାଜ୍ୟ ସର୍କାର୍ଙ୍କର୍ ଜନକଲ୍ୟାଣ୍କାରୀ ପଦକ୍ଷେପ୍ ବାବ୍ଦେ ଇ ଅବ୍ସରେ ଆୟୋଗଙ୍କୁ ଜନେଇ ଦିଆଯାଇଛେ ।

ଖୁଣ୍ଡା, ଢ଼େବିଗଡ଼୍-ସ୍ୱଦେଶ୍ ଦର୍ଶନ୍ ଯୋଜ୍ନା/ଆର୍ଏନ୍ୟୁ ସମ୍ବଲପୁର

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ସ୍ୱଦେଶ୍ ଦର୍ଶନ୍ ୨ ନମ୍ବର୍ ଖେପ୍ କାର୍ଯ୍ୟକ୍ରମ୍ଥି ସମ୍ବଲ୍ପୁର୍ ଜିଲ୍ଲାର୍ ଡେବ୍ରିଗଡ୍ ଅଭୟାରଣ୍ୟ ଆଉ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କର୍ ଜନମ୍ ମାଏଟ୍ ଖିଣ୍ଡା ଗାଁ କେ ସାମିଲ୍ କରାଯିବା ।  ଡେବ୍ରିଗଡ୍ ଆଉ ଖିଣ୍ଡା ନ ପର୍ଯ୍ୟଟନ ମନ୍ତ୍ରଣାଳୟ ତରଫୁ ପର୍ଯ୍ୟଟନ୍ ଭିତିଭୂମି ସହେତେ ଜନଜାତି ଆଉ ଗୋଷ୍ଠୀଭିତିକ କୌଶଲ୍ ବିକାଶ୍ କରାଯିବା ବଲି ଗଲାକାଏଲ୍ ଲୋକ୍ସଭା ନ କେନ୍ଦ୍ର ପର୍ଯ୍ୟଟନ୍ ଆଉ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ କହିଛନ୍ । ସ୍ୱଦେଶ୍ ଦର୍ଶନ୍ କାର୍ଯ୍ୟକ୍ରମ୍ ପହେଲା ଖେପ୍ଥି ଓଡ଼ିଶାର୍ ଗୋପାଲ୍ପୁର୍, ବଡ଼କୁଳ, ସାତପଡ଼ା ଆଉ ତାମ୍ପରା ପର୍ଯ୍ୟଟନ୍ ସ୍ଥଲ୍ ଠାନ୍ ପାଇଛେ ବଲି ଶ୍ରୀ ଶେଖାୱତ୍ କହିଛନ୍ ।

ସୁଭଦ୍ରା ଶକ୍ତି ପାରମ୍ପରିକ୍ ଖାଦ୍ୟ ପ୍ରତିଯୋଗିତା

ଆର୍ଏନ୍ୟୁ/ ସମ୍ବଲପୁର

ମିଶନ୍ ଶକ୍ତି ବିଭାଗ୍ ତରଫୁ ଚାଲିଥିବା ରାଜ୍ୟସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ୍ ଖାଦ୍ୟ ପ୍ରତିଯୋଗିତାର୍ ଫାଇନାଲ୍ ଆଏଜ୍ ଭୁବ୍ନେଶ୍ୱର୍ର ହୋଟେଲ୍ ମେଫେୟାର୍ ଲାଗୁନ୍ ଠାନେ ହେବା । ସେମିଫାଇନାଲ୍ନୁ ରାଜ୍ୟର୍ ୧୦ ଟା ସ୍ୱୟଂ ସହାୟକ ଗୋଷ୍ଠୀ ଉନ୍ନିତ୍ ହେଇକରି

ଫାଇନାଲ୍‌କେ ଯାଇଛନ୍ । ପହେଲା ଖେପ୍ ପ୍ରତିଯୋଗିତାଥି ସବୁ ବ୍ଲକ୍ ଆଉ ସହରାଂଚଲ୍‌ର ସାଢ଼େ ୬ ହଜାର୍ ନୁ ଅଏତ୍‌କା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ୍ ନେଇଥିଲେ ।

ନୂଆଁ ବାଇପାସ୍ ରୋଡ                    ଆର୍‌ଏନ୍‌ୟୁ/ ସମ୍ବଲପୁର

ରାସ୍ତା ନ ଭିଡ୍ କମାବାର୍ ଲାଗି ୬ ଟା ନୂଆଁ ବାଇପାସ୍ ରୋଡ୍‌କେ ରାଜ୍ୟ ସର୍‌କାର୍ ମଞ୍ଜୁର୍ କରିଛନ୍ । ଇଥିର୍‌ଲାଗି ୨ ଶହ ୭୮ କୋଟି ଟଙ୍କା ଖର୍ଚ୍ଚା କରାଯିବା । ଇଥି ବଲାଙ୍ଗିର୍ ଜିଲ୍ଲାର୍ ଗୁଟେ ବାଇପାସ୍ ରୋଡ୍ ଠାନ୍ ପାଇଛେ । ୬ ଦଶ୍‌ମିକ୍ ୮ କିଲୋମିଟର୍ ଲମ୍ବା ଇ ବାଇପାସ୍ ଜିଲ୍ଲା ନ ଜାତୀୟ ରାଜପଥ ୨୬ ଆଉ ରାଜ୍ୟ ରାଜପଥ ୪୨କେ ଜୁଡ୍‌ବା । ଇହାଦେ ୧୦ ଟା ବାଇପାସ୍ ତିଆର୍ କାମ୍ ଚାଲିଛେ ବଲି ପରିବହନ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଫସଲ୍ ପାଣିପାଗ ବୈଠକ୍                    I&PR

ଭୁବ୍‌ନେଶ୍ୱର୍ କୃଷି ଭବନ୍ ଠାନେ କୃଷି ବିଭାଗ୍ ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଫସଲ୍ ପାଣିପାଗ ପର୍ଯ୍ୟବେକ୍ଷଣ୍ ଗୋଷ୍ଠୀ କମିଟିର୍ ସମୀକ୍ଷା ବୈଠକ୍ ହେଇଯାଇଛେ ।

ବୈଠକ୍‌ଥି ଇ ବଛର୍ ପାଣିପାଗ ଆଉ ଚାଷ୍‌ବାସ୍‌ର ଭିନ୍ ଭିନ୍ ସମସ୍ୟା ଉପ୍‌ରେ ଆଲୋଚନା କରାଯାଇଥିଲା ।

ଇତାର୍‌ସହେତେ ଡକ୍ଟର୍ ପାଢ଼ୀ ରାଏଜେ ଖରିଫ୍ ଫସଲ୍ ଲାଗି ଯୁଗେଇ ଦିଆଯାଉଥିବା ସାରର୍ ଥିତି ଉପ୍‌ରେ ଭିଲ୍ ସମୀକ୍ଷା କରିଛନ୍ । ଚାଷ୍ ଲାଗି ଭର୍‌ପୁର୍ ସାର ଆଗ୍‌ତୁରିଆ ମହଜୁଦ୍ ରଖ୍‌ବାର୍ ଲାଗି ସାର କମ୍ପାନୀମାନ୍‌କୁ ସେ ନିର୍ଦ୍ଦେଶ୍ ଦେଇଛନ୍ ।

ଆଇନ୍ ପାଠ୍ୟକ୍ରମ୍ - ମେଧା ତାଲିକା I&PR

ଇ ବଛର୍ ୩ ବଛ୍‌ରିଆ ଏଲ୍‌ଏଲ୍‌ବି ପାଠ୍‌ପଢ଼ାଥି ନାଁ ଲେଖାବାର୍ ଲାଗି ପହେଲା ମେଧା ତାଲିକା ବାହାରିଛେ । ଇଥି ଭୁବ୍‌ନେଶ୍ୱର୍ ୟୁନିଭର୍‌ସିଟି ଲ’ କଲେଜ୍‌ର କଟ୍‌ଅଫ୍ ମାର୍କ ୮୨ ଦଶ୍‌ମିକ୍ ୨/୩ ପ୍ରତିଶତ୍ ରହିଥିଲା ବେଲ୍‌କେ କଟକ୍ ମଧୁସୂଦନ୍ ଆଇନ୍ ମହାବିଦ୍ୟାଲୟର ୭୯ ଦଶ୍‌ମିକ୍ ୪/୨ ପ୍ରତିଶତ୍ ଆର୍ ବ୍ରହ୍ମପୁର୍ ଲିଙ୍ଗରାଜ୍ ଆଇନ୍ ମହାବିଦ୍ୟାଲୟର୍ କଟଅଫ୍ ମାର୍କ ୭୫ ଦଶ୍‌ମିକ୍ ୧/୩ ପ୍ରତିଶତ୍ ରହିଛେ ।

ବୌଦ୍ଧ-ବିଧି ଅଧିକାରୀ ନିଯୁକ୍ତି I&PR

ଆଇନ୍ ବିଭାଗ୍ ତର୍‌ଫୁ ବୌଦ୍ଧ ଜିଲ୍ଲା ଲାଗି ୧୮ ଝନ୍ ଅଧିବକ୍ତାଙ୍କୁ ବିଧି ଅଧିକାରୀ ଭାବେ ନିଯୁକ୍ତି ଦେବାର୍‌କେ ଗଲାକାଏଲ୍ ବିଜ୍ଞପ୍ତି ବାହାରିଛେ ।

ବିଜ୍ଞପ୍ତି ଅନ୍‌ସାରେ ଇ ଅଧିକାରୀମାନେ ନିଜର୍ ପଦ ଆଉ ମୁଖ୍ୟାଳୟ ମାନ୍‌କେ ଯୋଗ୍ ଦେବେ । ଓଡ଼ିଶା ଲ’ ଅଫିସର୍ସ ରୁଲ୍-୧୯୭୧ ଅନ୍‌ସାରେ ଇ ନିଯୁକ୍ତି ଆଏବା ଆଦେଶ୍‌ତକ୍ ବଳବତର୍ ରହେବା । ସେନ୍ତା ଅଧିବକ୍ତା ପ୍ରସନ୍ନ କୁମାର୍ ପ୍ରଧାନ୍‌ଙ୍କୁ ପୋକ୍‌ସୋ ଆଇନ୍ ଅନ୍‌ସାରେ ସ୍ୱତନ୍ତ୍ର ସର୍‌କାରୀ ଅଭିଯୋଜକ ଭାବେ ନିଯୁକ୍ତି ଦିଆଯାଇଛେ ।

ଅନ୍ତର୍ଜାତୀୟ ଚେସ୍ ଦିବସ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଠାନେ ଜିଲ୍ଲା ଚେସ୍ ସଂଘ ତର୍‌ଫୁ ଅନ୍ତର୍ଜାତୀୟ ଚେସ୍ ଦିବସ୍ ପାଲିତ୍ ହେଇଛେ । ଉଦ୍‌ଯାପନୀ ଉତ୍ସବ୍‌ଥି ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର୍ ସିଂ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଚେସ୍ କୋଚିଂ କେମ୍ପ୍ ନ ଭାଗ୍ ନେଇଥିବା ୪୦ ଝନ୍ ଛାତ୍ରୀ ଆଉ ୩୫ ଝନ୍ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆଘର୍ ଚେସ୍ ଖେଲାଲିମାନ୍‌କୁ ଭିଲ୍ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

ନିଶାର ହି.ସ.

ଭାରତୀୟ ମହାକାଶ୍ ଗବେଷଣା ସଂସ୍ଥାନ୍- ଇସ୍ରୋ ଆଉ ଆମେରିକୀୟ ମହାକାଶ୍ ସଂସ୍ଥା- ନାସାର ମିଲିତ୍ ସହଯୋଗ୍‌ଥି ତିଆର୍ ହେଇଥିବା ଉପଗ୍ରହ - ନିଶାର୍‌କେ ଆଏବା ୩୦ ତାରିଖ୍ ଦିନ ଆନ୍ଧ୍ରପ୍ରଦେଶ୍‌ର ଶ୍ରୀହରିକୋଟା ଠାନୁ ଉତ୍କ୍ଷେପଣ୍ କରାଯିବା । ଇ ଉପଗ୍ରହ ପୁର୍‌ଥି ଉପ୍‌ରେ  ଟିକ୍‌ନିକ୍ ନଜର୍ ରଖ୍‌ବା ।

ପାଣିପାଗ                ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ବନିଥିବା ଘୂର୍ଣ୍ଣିବଳୟ ଆଏବା ୨୪ ତାରିଖ୍ ଭିତ୍‌ରେ ଲଘୁଚାପ୍‌ଥି ବଦ୍‌ଲିପାରେ । ଇତାର୍‌ବଲେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, ନୂଆପଡ଼ା ସହେତେ ୭ ଟା ଜିଲ୍ଲା ନ ଘଡ୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।